## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ବ୍ରହ୍ମପୁର ଅଫିସ,୧୫।୬:** ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ବ୍ୟକ୍ତିଙ୍କର ବ୍ରହ୍ମପୁର ବଡ ମେଡିକାଲରେ ଶନିବାର ମୃତ୍ୟୁ ଘଟିଛି। ମୃତକ ଚମାଖଣ୍ଡି ଥାନା ଅନ୍ତର୍ଗତ ବଡ଼ପୁଟି ଗ୍ରାମର ଡ଼ି. କାମରାଜୁ (୫୦)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୪ଟାରେ କାମରାଜୁ ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରାମ୍ମା ଗାଁ ଶେଷକୁ କିଆ ଫୁଲ ତୋଳିବା ପାଇଁ ଯାଇଥିଲେ । କାମରାଜୁ ଫୁଲ ତୋଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତାଙ୍କ ସ୍ତ୍ରୀ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବିଶ୍ୱନାଥଙ୍କୁ ନୂତନ ଯୁବସେନା ଜିଲ୍ଲା ପ୍ରମୁଖ ଦାୟିତ୍ୱ

**ବ୍ରହ୍ମପୁର ଅଫିସ,୧୫।୬:** ଶିବସେନା ଗଞ୍ଜାମ ଜିଲ୍ଲା ଶାଖାର ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟରେ ଗଞ୍ଜାମ ଜିଲ୍ଲା ପ୍ରମୁଖ ସନାତନ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଷାଧକ୍ଷ ପପୁନ ପାଣିଗ୍ରାହୀ, ସମ୍ପାଦକ କାହ୍ନୁ ଚରଣ ସାହୁ, ବିଦ୍ୟାର୍ଥୀ ସେନାର ଜିଲ୍ଲା ପ୍ରମୁଖ କିଷାନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଂଗଠନ ବିରୋଧୀ କାର୍ଯ୍ୟ ପାଇଁ ୨ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ମୁକ୍ତ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୂର୍ବରୁ ଜିଲ୍ଲା ଯୁବସେନା ଦାୟିତ୍ୱରେ ଥିବା ପି. ତୁଳସାୟା ରେଡ୍ଡୀ ଓ ଜିଲ୍ଲା ମହିଳା ଉପ ପ୍ରମୁଖ ମିନତି ପାତ୍ରଙ୍କୁ ସଂଗଠନ ବିରୋଧୀ କାର୍ଯ୍ୟ ଯୋଗୁ ଦାୟିତ୍ୱରୁ ହଟାଯିବାକୁ ନିଷ୍ପତ୍ତି ହୋଇଥିଲା ।

ପ୍ରତିବଦଳରେ ଜିଲ୍ଲାର ନୂତନ ଯୁବସେନା ପ୍ରମୁଖ ଭାବେ ବିଶ୍ୱନାଥ ସ୍ୱାମୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ନେଇ ଘୋଷଣା କରାଯାଇଥିଲା । ସଂଘର ସମସ୍ତ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ ।

### ଦିବ୍ୟଜୀବନ ଶାଖାର ରକ୍ତଦାନ ଶିବିର

**ବ୍ରହ୍ମପୁର ଅଫିସ,୧୫।୬:** ଲାଞ୍ଜିପଲ୍ଲୀ ଦିବ୍ୟଜୀବନ ସଂଘ ମହିଳା ଶାଖା ଓ କଳିଙ୍ଗ ଯୁବ ସଂଘ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଲାଞ୍ଜିପଲ୍ଲୀ ମ୍ୟୁନିସିପାଲ କଲୋନୀସ୍ଥିତ ଶାଖା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘ ବରିଷ୍ଠ ସନ୍ଥ ସ୍ୱାମୀ ହରଶରଣାନନ୍ଦ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏମ୍‌କେସିଜି ରକ୍ତ ଭଣ୍ଡାର କର୍ମକର୍ତ୍ତା ବସନ୍ତ ବେହେରା, ଦିବାକର ତ୍ରିପାଠୀ, ନନ୍ଦ ଗୋପାଳ ଦେଓ, ନାଗଭୂଷଣ ପ୍ରଧାନ ଓ ଜୟନ୍ତ କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ । ରବୀନ୍ଦ୍ରନାଥ ଦାଶ, ଶାନ୍ତି ଭୂଷଣ ପଣ୍ଡା, ଅଲେଖ ବେହେରା, ଉଦୟ ନାଥ ମହାରଣା, ସୁରେନ୍ଦ୍ର ବରାଡ, ଶଙ୍କର ବିଷୋୟୀ ଓ ଶ୍ରୀନିବାସ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସୀମାଞ୍ଚଳ ବେହେରା, ସୁରେନ୍ଦ୍ର କୁମାର ନାୟକ, ରବୀନ୍ଦ୍ର ବିଶ୍ୱାଳ, ଓ ମନୋରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ବିଏମ୍‌ସିର ପ୍ରସ୍ତାବିତ ଡିଡିଏନ୍ ପ୍ରକଳ୍ପ ବନ୍ଦ

# କାର୍ଯ୍ୟକାରୀ ନ ହେଉଣୁ ମିଳିଛି ସ୍କଚ୍ ପୁରସ୍କାର

**ବ୍ରହ୍ମପୁର ଅଫିସ,୧୫।୬**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପ୍ରସ୍ତାବିତ ଡିଜିଟାଲ ଡୋର ନମ୍ବରିଂ (ଡିଡିଏନ୍) ଯୋଜନା ବନ୍ଦ ହୋଇଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ନୂଆଦିଲ୍ଲୀର ଏକ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛି ମହାନଗର ନିଗମ । ୨୦୧୮ ଜାନୁୟାରୀରେ ପୂର୍ବତନ ମେୟର କେ. ମାଧବୀ ଓ ତତ୍କାଳୀନ ବିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ନିଗମ ଖର୍ଚ୍ଚରେ ଦିଲ୍ଲୀ ଯାଇ ସ୍କଚ୍ ଅର୍ଡର ଅଫ୍ ମେରିଟ୍ ପୁରସ୍କାର ଗ୍ରହଣ କରିଥିଲେ। ଘରଗୁଡ଼ିକୁ ଡିଜିଟାଲ ନମ୍ବରିଂ କରିବା ନିମନ୍ତେ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥାଦ୍ୱାରା ପୁରସ୍କାରର ଆୟୋଜନ କରାଯାଇଥିଲା। ଏବେ ସେହି ଖବର ପଦାକୁ ଆସିଛି ।

ସୂଚନାଯୋଗ୍ୟ, ୨୦୧୮ ଜାନୁୟାରୀ ୯ରେ ବିଏମ୍‌ସି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ କମିଶନର ପଓ୍ୱନ କଲ୍ୟାଣ କହିଥିଲେ, ମହାନଗରର ପ୍ରତ୍ୟେକ ଘରର ନମ୍ବରିଂ କରିବା ଏକ ବୈଧାନିକ ଆବଶ୍ୟକତା। ତଦନୁଯାୟୀ ଡିଡିଏନ୍ (ଡିଜିଟାଲ ଡୋର ନମ୍ବରିଂ) ପ୍ରକଳ୍ପ ହାତକୁ ନିଆଯାଇଛି । ଏହାଦ୍ୱାରା ମହାନଗରବାସୀଙ୍କ ସ୍ୱାର୍ଥ ଜଡ଼ିତ ଏବଂ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟମାନଙ୍କୁ ମଧ୍ୟ ବହୁବିଧ ସୁବିଧା ଉପଲବ୍ଧ ହେବ ଓ ନିଗମକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ସୁବିଧା ହୋଇପାରିବ। ଏହି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ମହାନଗର ନିଗମ ସ୍କଚ୍ ଅର୍ଡର ଅଫ୍ ମେରିଟ୍ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ତେଣୁ ମେୟରଙ୍କ ସହ ସେ ଦିଲ୍ଲୀ ଯାଇ ପୁରସ୍କାର ଗ୍ରହଣ କରିବାର କଲ୍ୟାଣ ସୂଚାଇଥିଲେ । ପରେ ଉଭୟେ ଦିଲ୍ଲୀ ଯାଇ ପୁରସ୍କାର ଗ୍ରହଣ କରିଥିବା ବିଏମ୍‌ସି ରେକର୍ଡରେ ଅଛି ।

- ଡିଜିଟାଲ ନମ୍ବରିଂ ବଦଳରେ ଘର କାନ୍ଥରେ ଲାଗିଛି ଛାପା କାଗଜ
- ହାଇଦ୍ରାବାଦର ଘରୋଇ ସଂସ୍ଥା ନେଇଛି ବହୁ ଲକ୍ଷ ଟଙ୍କା

ମହାନଗରରେ ବର୍ତ୍ତମାନ ସୁଦ୍ଧା ୫୮ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ବାସଗୃହ ରହିଛି। ନୂଆ ସାହିବସ୍ତି ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ତେଣୁ ସବୁ ଘର ଆଗର ଡିଜିଟାଲ ନମ୍ବରିଂ କରାଯିବାକୁ ପ୍ରସ୍ତାବ ରଖାଗଲା । ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ବିଏମ୍‌ସିର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଲାଗି ବ୍ୟବସାୟୀ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାନ ଆକାରରେ ମିଳିଥିବା ବହୁ ଲକ୍ଷ ଟଙ୍କା ସେହି ସଂସ୍ଥା ଅଗ୍ରିମ ବାବଦରେ ନେଇଥିଲା । କାଗଜରେ ଛାପି ଅନେକ ଘର ଆଗରେ ତାହା ଲଗାଯାଇଛି ଓ ପ୍ରସ୍ତାବିତ ଡିଜିଟାଲ ନମ୍ବରିଂ ହଜିଯାଇଛି। କାନ୍ଥରେ ଲଗାଯାଇଥିବା ସେହି ରଙ୍ଗିନ ଛାପା କାଗଜ ବର୍ଷା ପାଣି ପଡ଼ି ଧୋଇ ହୋଇଯାଇଛି । ଅନ୍ୟପକ୍ଷରେ ଡିଡିଏନ୍ ଯୋଜନା ବନ୍ଦ ହୋଇଯାଇଥିବା ବିଏମ୍‌ସିର ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି । ଗତ ଅକ୍ଟୋବର ମାସ ପ୍ରାରମ୍ଭରୁ ନିର୍ବାଚିତ ନିଗମ ପରିଷଦର କାର୍ଯ୍ୟକାଳ ସରିଯାଇଛି। ପୁରାତନ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏବେ ଅମଲାତନ୍ତ୍ର ଶାସନ ଚାଲିଛି। ଡିଡିଏନ୍ ପ୍ରକଳ୍ପ ଠପ୍ ହୋଇଛି । ସ୍କଚ୍ ଆୱାର୍ଡ ଅଫ୍ ମେରିଟ ପୁରସ୍କାର ଫଳକଟି ନିଗମ ଦପ୍ତରରେ ରଖାଯାଇଛି । ଶନିବାର ଯୋଗାଯୋଗ ବେଳେ ପୂର୍ବତନ ମେୟର ମାଧବୀ କହିଛନ୍ତି, ପୁରସ୍କାର ମିଳିଥିଲେ ମଧ୍ୟ ଡିଡିଏନ୍ ଯୋଜନା ବନ୍ଦ ହୋଇଯାଇଛି।

# ଭିନ୍ନ ଏକ ରଜ ଉତ୍ସବ



ଅତିଥିଙ୍କ ଉପସ୍ଥିତିରେ ଦୋଳି ଖେଳୁଛନ୍ତି ଭିନ୍ନକ୍ଷମ ଯୁବତୀମାନେ।

**ବ୍ରହ୍ମପୁର ଅଫିସ,୧୫।୬**

ସେମାନେ ଦେଖି ପାରନ୍ତି ନାହିଁ । ନିଜ ଗୋଡ଼ରେ ଚାଲିପାରନ୍ତି ନାହିଁ । ସେମାନେ ଦୃଷ୍ଟିବାଧିତ, ଭିନ୍ନକ୍ଷମ। କିନ୍ତୁ ସାଧାରଣ ଯୁବତୀ ଯୁବକଙ୍କ ଭଳି ପ୍ରତ୍ୟେକ ପର୍ବକୁ ଧୁମ୍‌ଧାମ୍‌ରେ ପାଳିବାକୁ ଇଚ୍ଛା । ରଜରେ ମଉଜ କରିବାକୁ ମନ । ଆଉ ଏହି ଆଶା ପୂରଣ କରିଛି ଓଡ଼ିଶା ସର୍ଭିସ୍ ସେଣ୍ଟର୍ ଫର୍ ଦି ବ୍ଲାଇଣ୍ଡ ଏବଂ ସାମର୍ଥ୍ୟ ଅନୁଷ୍ଠାନ । ଶନିବାର ଉଭୟ ଅନୁଷ୍ଠାନ ତରଫରୁ ବିଜୁ ପଟ୍ଟନାୟକ ପାର୍କରେ ରଜ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କେବଳ ଦୃଷ୍ଟିହୀନ ଏବଂ ଭିନ୍ନକ୍ଷମ ଯୁବତୀମାନେ ଭାଗ ନେଇଥିଲେ। ରଜ ଦୋଳି ଖେଳିଥିଲେ, ସ୍ୱାଦିଷ୍ଟ ପିଠା ଖାଇଥିଲେ । ରଜ ମଉଜରେ ମସ୍‌ଗୁଲ୍ ହୋଇଥିଲେ। ପ୍ରାୟ ୯୦ ଯୁବତୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା । ଓଡ଼ିଶା ସର୍ଭିସ୍ ସେଣ୍ଟର୍ ଫର୍ ଦି ବ୍ଲାଇଣ୍ଡ ସମ୍ପାଦକ ଭବାନୀ ଶଙ୍କର ପାଢୀ ଏବଂ ସାମର୍ଥ୍ୟ ସମ୍ପାଦକ କେ. ଆନନ୍ଦ ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ୧୫ବର୍ଷ ହେଲା ଏଭଳି ରଜ ଉତ୍ସବ ପାଳନ କରାଯାଉଛି ।

### ଝାମ୍ପି ନେଲେ ଛାତ୍ରୀଙ୍କ ମୋବାଇଲ ଫୋନ

**ବ୍ରହ୍ମପୁର ଅଫିସ,୧୫।୬**

ବ୍ରହ୍ମପୁର ରେଳଷ୍ଟେଶନ ନିକଟ ରେଳବାଇ କଲୋନୀ ଦେଇ ଜଣେ ଛାତ୍ରୀ ଶନିବାର ଅନନ୍ତ ନଗରରେ ଥିବା ତାଙ୍କ ମେସକୁ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଯାଇଛନ୍ତି। ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି ଟେକ ପଢୁଥିବା ଛାତ୍ରୀ ସୁଜ୍ଞାନୀ ପଣ୍ଡା ଓ ତାଙ୍କ ଭଉଣୀ ପୂଜା ଛତ୍ରପୁରରୁ ବିଶାଖା ଏକ୍ସପ୍ରେସରେ ଆସି ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିଥିଲେ। ୨ ଭଉଣୀ ଚାଲି ଚାଲି ଫୋନରେ କଥାହୋଇ ଯାଉଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ତାଙ୍କ ପଛପଟୁ ଆସି ଛାତ୍ରୀଙ୍କ ମୋବାଇଲ ଫୋନ ଝାମ୍ପି ନେଇଯାଇଥିଲେ। ପରେ ଛାତ୍ରୀଦ୍ୱୟ ରେଳବାଇ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଗଣପତି ବେହେରା ଅଭିଯୋଗକାରୀ ଛାତ୍ରୀ ସୁଜ୍ଞାନୀଙ୍କ ସହ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ।

ଶୁକ୍ରବାର ରାମନଗରର ସୁମତି ଜେନା ରେଳଷ୍ଟେଶନ ଦେଇ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କର ମଧ୍ୟ ଏକ ମୋବାଇଲ ଫୋନ ଝାମ୍ପି ନେଇଥିଲେ। ପୋଲିସ ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ଦୁର୍ବୃତ୍ତମାନେ ଏଭଳି ଘଟଣା ଘଟାଉଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୬।୨୦୧୯ (ରବିବାର)**

- ସ୍ପିଡ୍ ରୋଲର୍ ସ୍କେଟିଂ ଚାମ୍ପିୟନ୍‌ଶିପ୍। ସ୍ଥାନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାସ୍ତା, ସମୟ-ସକାଳ ୭ଟା।
- ୧୩ତମ ରକ୍ତଦାନ ଶିବିର। ସ୍ଥାନ-ରକ୍ତ ଭଣ୍ଡାର, ସମୟ-ସକାଳ ୮ଟା ।
- ପଞ୍ଚମ ବେଦ ଉତ୍ସବ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ-ସକାଳ ୯ଟା।
- ମାଗଣା ପାଠ୍ୟପୁସ୍ତକ ବଣ୍ଟନ। ସ୍ଥାନ-ଶ୍ରୀସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ରଜ ଉତ୍ସବ ପାଳନ। ସ୍ଥାନ-ବିଶ୍ୱନିକେତନ ବୃଦ୍ଧାଶ୍ରମ, ସମୟ-ଅପରାହ୍ନ ୪ଟା।
- ରଜ ମଉଜ ପାଳନ। ସ୍ଥାନ-ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ-ଅପରାହ୍ନ ୫ଟା।

**୧୭।୬।୨୦୧୯ (ସୋମବାର)**

- ଶ୍ରୀମଦ୍ ଭାଗବତ କଥା ମହୋତ୍ସବ। (୧୭।୬।୧୯-୨୧।୬।୧୯ )ସ୍ଥାନ- ମା’ ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣ, ବାଲିଗୁଡ଼ା , ସମୟ- ସନ୍ଧ୍ୟା ୬ଟା ୩୦ ମିନିଟ୍।
- ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣମୀ ଉତ୍ସବ। ସ୍ଥାନ- ଜଗନ୍ନାଥ ମନ୍ଦିର ଜି.ଉଦୟଗିରି, ସମୟ- ସକାଳ ୯ଟା।
- ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଗ୍ରଗତି ନେଇ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ମୃତ୍ତିକା ସ୍ୱାସ୍ଥ୍ୟ ଯୋଜନା ସଚେତନତା କାର୍ଯ୍ୟକ୍ରମ, ମୃତ୍ତିକା ନମୁନା ସଂଗ୍ରହ। ସ୍ଥାନ- ଗଡ଼ଗୋବିନ୍ଦପୁର, କରପଡ଼ା ଓ ବଡ଼ ତୁମ୍ବୁଲା ଗ୍ରା.ପ. କାର୍ଯ୍ୟାଳୟ, ଦିଗପହଣ୍ଡି। ସମୟ- ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ମାନସିକ ରୋଗୀ ଚିହ୍ନଟ ସମ୍ପର୍କିତ ଆଶାକର୍ମୀଙ୍କୁ ତାଲିମ କାର୍ଯ୍ୟକ୍ରମ। ସ୍ଥାନ-ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ସକାଳ ୯ଟା।
- ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ଶ୍ରୀ ବିଗ୍ରହଙ୍କ ହାତୀବେଶ ଉତ୍ସବ। ସ୍ଥାନ- ରାଜବାଟୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଦଧିବାମନ ମନ୍ଦିର ଓ ଶ୍ରୀପତିତପାବନ ଜଗନ୍ନାଥ ମନ୍ଦିର ପରିସର, ସମୟ- ପୂର୍ବାହ୍ନ ୯ଟା।

**୧୮।୬।୨୦୧୯ (ମଙ୍ଗଳବାର)**

- ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ଇନ୍ଦ୍ରଧନୁଷ୍ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ- ବି.ତୁରୁବୁଡ଼ି, ଦିଗପହଣ୍ଡି, ସମୟ- ସକାଳ ୮ଟା।
- ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘ ବୈଠକ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ-ସକାଳ ୯ଟା ।

**୧୯।୬।୨୦୧୯ (ବୁଧବାର)**

- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୮ଟା।

**୨୦।୬।୨୦୧୯ (ଗୁରୁବାର)**

- ବ୍ଲକ ସ୍ତରୀୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ମାନସିକ ଅନଗ୍ରସର ଓ ରୋଗୀଙ୍କ ଚିକିତ୍ସା ଶିବିର। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।

**୨୧।୬।୨୦୧୯ (ଶୁକ୍ରବାର)**

- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ ଉପସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ତରଳ ଝାଡ଼ାର ନିରାକରଣ ପାଇଁ ଔଷଧ ଓ ଓଆର୍‌ଏସ୍ ବିତରଣ। ସ୍ଥାନ- ଭୀଷ୍ମଗିରି, ସିଦ୍ଧେଶ୍ୱର, ଗୌଡ଼ଗାଁ, ପଦ୍ମନାଭପୁର ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମ, ସମୟ- ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।

**୨୨।୬।୨୦୧୯ (ଶନିବାର)**

- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୪ଟା।

## ଏଡିଆଇଭି ପକ୍ଷରୁ ରଜ ପାଳନ



କ୍ଲବର ସଦସ୍ୟାମାନେ ଦୋଳି ଖେଳୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୫।୬**

ଏରୋବିକ୍ସ ଡେଡିକେଶନ୍ ଇନ୍ ଭିମ୍(ଏଡିଆଇଭି) ପକ୍ଷରୁ ଶନିବାର ଟାଉନ୍‌ହଲ୍ ପରିସରରେ ରଜ ଉତ୍ସବ ପାଳିତ ହୋଇଯାଇଛି। କ୍ଲବର ବହୁ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇ ଦୋଳି ଖେଳିଥିଲେ । ପିଠା ଖାଇବା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । କ୍ଲବର ଜି.ଆଦିନାରାୟଣ ପାତ୍ର, ଏ.ଶେଖର ଚନ୍ଦ୍ର ପାତ୍ର, ନଳିନୀକାନ୍ତ ତ୍ରିପାଠୀ, ଶ୍ରୀନିବାସ, ବିଶ୍ୱନାଥ ପଟ୍ଟନାୟକ, ଯୁଗଳ ବ୍ରହ୍ମା, ସରିତା ପାତ୍ର, ସବିତା କୋଠିଆ, ସୁନୀତା ଏବଂ ମିନି ପ୍ରମୁଖ ଏଥିରେ ଭାଗ ନେଇଥିଲେ ।

## ମେଡିକାଲ ଛାତ୍ର ଆନ୍ଦୋଳନକୁ ଏଆଇଡିଏସ୍‌ଓ ଗଞ୍ଜାମ ଶାଖାର ସମର୍ଥନ

**ବ୍ରହ୍ମପୁର ଅଫିସ,୧୫।୬**

କଲିକତାର ଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ୨ଜଣ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ଦେଶବ୍ୟାପି ଚାଲିଥିବା ଡାକ୍ତରୀ ଛାତ୍ର ଆନ୍ଦୋଳନକୁ ଏଆଇଡିଏସ୍‌ଓ (ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) ପୂର୍ଣ୍ଣ ସମର୍ଥନ ଜଣାଇଛି। ଏମ୍‌କେସିଜି ମେଡିକାଲ କଲେଜ କ୍ୟାମ୍ପସରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବିକ୍ଷୋଭରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ଶିବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ନିମାଇଁ ଚରଣ ସାହୁ ଓ ଅନ୍ୟମାନେ ସାମିଲ ହୋଇଥିଲେ । ଆନ୍ଦୋଳନ ସ୍ଥଳରେ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ସମାଲୋଚନା କରାଯିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ପ୍ରତ୍ୟେକ ମେଡିକାଲ କଲେଜ ଓ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା, ସବୁ ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରାଯିବା, ସ୍ୱାସ୍ଥ୍ୟ ବଜେଟରେ ଅଧିକ ବ୍ୟୟବରାଦ, ଡାକ୍ତର ଓ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସର୍ବଦା ସୁସମ୍ପର୍କ ପାଇଁ ପଦକ୍ଷେପ ନିଆଯିବା ଉପରେ ଡିଏସ୍‌ଓ ଜିଲ୍ଲା ଶାଖା ଗୁରୁତ୍ୱାରୋପ କରିଛି । ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସୁବାସ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଆର୍‌ଏସ୍‌ଏସ୍‌ର ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠା ଦିବସ



ସ୍ୱୟଂସେବକମାନେ ପଥ ସଞ୍ଚଳନରେ ସହର ପରିକ୍ରମା କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୫।୬**

ଭାରତ ଏକ ଅମର ରାଷ୍ଟ୍ର । ବହୁ ବିଦେଶୀ ଶକ୍ତି ଏହାକୁ ପରାଜିତ ଓ ପରାଧୀନ କରି ରଖିଥିଲେ। କାଳକ୍ରମେ ସେମାନେ ହଟିଛନ୍ତି। ଶତଚେଷ୍ଟା ସତ୍ତ୍ୱେ ସେମାନେ ଏହି ଦେଶର ସଂସ୍କୃତି,ଐତିହ୍ୟକୁ ନଷ୍ଟ କରିପାରି ନାହାନ୍ତି। ଆଉ ଏବେ ମଧ୍ୟ ଭାରତ ଆର୍ଥିକ, ସାମରିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଏତେ ଶକ୍ତିଶାଳୀ ହେବାରେ ଲାଗିଛି । ବିଶ୍ୱର ବହୁ ଦେଶ ଅର୍ନ୍ତଜାତୀୟସ୍ତରରେ ଭାରତ ନେତୃତ୍ୱ ନେଉ ବୋଲି ଚାହୁଁଛନ୍ତି । ପ୍ରାଚୀନ ଯୁଗ ଭଳି ଭବିଷ୍ୟତରେ ମଧ୍ୟ ଭାରତକୁ ବିଶ୍ୱ ଗୁରୁ ଆସନରେ ଦେଖିବାକୁ ବିଶ୍ୱ ଆଶାବାଦୀ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ତରଫରୁ ଶନିବାର ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ଏହା କହିଛନ୍ତି ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ ।

ନୂଆବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ଶିକ୍ଷାନୁଷ୍ଠାନ ପରିସରରେ ଶନିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବିଶ୍ୱାଳ ଯୋଗଦେଇ ଆହୁରି କହିଥିଲେ, ଛତ୍ରପତି ଶିବାଜୀ ପ୍ରଥମେ ମୋଗଲମାନଙ୍କ ଶାସନର ଭୟ ଦୂର କରିପାରିଥିଲେ । ସେମାନଙ୍କୁ ପ୍ରତିହତ କରି ସ୍ୱାଧୀନ ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ତାହାରି ସ୍ମୃତିରେ ଆର୍‌ଏସ୍‌ଏସ୍ ତରଫରୁ ପ୍ରତିବର୍ଷ ଏହି ଉତ୍ସବ ପାଳନ କରାଯାଉଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଲଲାଟେନ୍ଦୁ ସାମନ୍ତ, ସଂଗଠନ ଜିଲ୍ଲା ସଂଘ ଚାଳକ ଲଳିତ ମୋହନ ହୋତା ଓ ନଗର ସଂଘ ଚାଳକ ଡା. ପ୍ରଶାନ୍ତ ପତି ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ବହୁସଂଖ୍ୟକ ଗଣବେଶଧାରୀ ସ୍ୱୟଂସେବକ ଗେରୁଆ ଧ୍ୱଜା ଓ ଘୋଷ ବାଦ୍ୟ ସହ ସହର ପରିକ୍ରମା କରିଥିଲେ ।

## ଏନ୍‌କାଉଣ୍ଟର ପରେ ବି ସୁଧୁରୁ ନାହାନ୍ତି ଅପରାଧୀ

# ଘଟାଉଛନ୍ତି ଅପରାଧ, ଚିନ୍ତାରେ ପୋଲିସ

**ବ୍ରହ୍ମପୁର ଅଫିସ,୧୫।୬**

ଗଞ୍ଜାମ ଜିଲ୍ଲାକୁ ଅପରାଧମୁକ୍ତ କରିବା ପାଇଁ ପୋଲିସ ଅପରେଶନ ‘କ୍ରିମିନାଲ୍ କ୍ଲିନ୍’ ଆରମ୍ଭ କରିଥିଲା । ଏଥିପାଇଁ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ପ୍ରାୟ ୩୦୦ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା । ଉଭୟ ପୋଲିସ ଜିଲ୍ଲା ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲଗାତର ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଏପରିକି ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ଏନ୍‌କାଉଣ୍ଟର ଘଟିଛି। ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲ୍ଲାରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଏନ୍‌କାଉଣ୍ଟର ହୋଇଛି। ଦୁର୍ବୃତ୍ତମାନେ ସୁସ୍ଥ ହୋଇ ଜେଲରୁ ଜାମିନରେ ଫେରିବା ପରେ ପୁଣିଥରେ ତାଙ୍କ ଗ୍ୟାଙ୍ଗକୁ ସକ୍ରିୟ କରିବା ସହ ଅପରାଧ ଘଟାଇ ଚାଲିଛନ୍ତି। ଏନ୍‌କାଉଣ୍ଟରରେ ଆହତ ହେବା ପରେ ଅପରାଧୀମାନେ ନ ସୁଧୁରିବା ପୋଲିସ ପାଇଁ ଏବେ ଚିନ୍ତାର କାରଣ ହୋଇଛି । ୨୦୧୫ ଏପ୍ରିଲ ୪ରେ ପ୍ରଥମ ଥର ପାଇଁ ଖଲ୍ଲିକୋଟ ପୋଲିସ ପକ୍ଷରୁ ଦୁର୍ଦ୍ଦାନ୍ତ ଅପରାଧୀ ଅକ୍ଷୟ ନାୟକଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା । ସେହିବର୍ଷ ଗଞ୍ଜାମ ପୋଲିସ ପକ୍ଷରୁ ତିନୋଟି ଏନ୍‌କାଉଣ୍ଟର ହୋଇଥିବା ବେଳେ ୨୦୧୬ରେ ମୋଟ ୧୪ଏନ୍‌କାଉଣ୍ଟର ହୋଇଥିଲା। ସେହିପରି ୨୦୧୭ରେ ୧୭, ୨୦୧୮ରେ ମଧ ଉଭୟ ପୋଲିସ ଜିଲ୍ଲାରେ ୧୭ ଏନ୍‌କାଉଣ୍ଟର ହୋଇଥିଲା । ସେହିପରି ୨୦୧୯ ଜାନୁୟାରୀରୁ ମେ ମାସ ମଧ୍ୟରେ ୪ ଏନ୍‌କାଉଣ୍ଟର ହୋଇଛି । ୨୦୧୯ ଜାନୁୟାରୀ ୭ ତାରିଖରେ ଆସିକା ପୋଲିସ କୃଷ୍ଣ ଜେନା ଓ ସୁନୀଲ ଜେନାଙ୍କୁ ଏନ୍‌କାଉଣ୍ଟର କରିଥିବା ବେଳେ ଫେବୃୟାରୀ ୧୫ରେ ଭଞ୍ଜନଗର ପୋଲିସ ଅନ୍ୟ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଇମୁ ଓରଫ୍ ମହମ୍ମଦ ଇମ୍ରାନଙ୍କୁ ଓ ଖଲ୍ଲିକୋଟ ପୋଲିସ ମେ ୧୦ରେ ମନୋଜ ସ୍ୱାଇଁଙ୍କୁ ଏନ୍‌କାଉଣ୍ଟର କରିଛି। ସେହିପରି କଂଗ୍ରେସର ଆସିକା ବିଧାନସଭା ପ୍ରାର୍ଥୀ ମନୋଜ ଜେନା ହତ୍ୟା ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ବୁଲୁ ଓରଫ୍ ଗଣେଶ ନାୟକ ଓ ହୃଷୀକେଶ ପାତ୍ରଙ୍କୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ମେ ୩୧ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଢା ଅମିତ ହସ୍ପିଟାଲ ନିକଟରେ ଏନ୍‌କାଉଣ୍ଟର କରିଥିଲା ।

ପ୍ରକାଶଯେ, ପୂର୍ବରୁ ଆସିକା ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ବୁଲୁ ଓରଫ୍ ଗଣେଶ ନାୟକଙ୍କୁ ଆସିକା ପୋଲିସ ୨୦୧୫ ଡିସେମ୍ବର ୨୪ରେ ଏନ୍‌କାଉଣ୍ଟର କରି ସୁସ୍ଥ ହେବା ପରେ ଜେଲ ପଠାଇଥିଲା। ଏହି ଅପରାଧୀ ଜଣକ ପୁଣିଥରେ ଜେଲରୁ ଜାମିନରେ ମୁକୁଳିବା ପରେ ବ୍ରହ୍ମପୁର ପୋଲିସ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ୧୬ନଂ.ରାଜପଥ ଅକ୍ସଫୋର୍ଡ ସ୍କୁଲ ନିକଟରେ ଆସିକାର ମନୋଜ ଜେନାଙ୍କୁ ହତ୍ୟା କରିଥିଲେ ।

ସୂଚନାଯୋଗ୍ୟ, ଗତ ସାଢ଼େ ୪ ବର୍ଷ ମଧ୍ୟରେ ପୋଲିସ ୬୦ରୁ ଊର୍ଦ୍ଧ୍ୱ ଏନ୍‌କାଉଣ୍ଟର କରି ହାର୍ଡକୋର କ୍ରିମିନାଲଙ୍କୁ କାବୁ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୧୬ ମେ ୨୧ ତାରିଖରେ ଆସିକା ପୋଲିସ ଚକା ନାୟକ ନାମକ ଜଣେ ଯୁବକଙ୍କୁ ଏନ୍‌କାଉଣ୍ଟର କରିଥିଲା। ସେ ଜେଲରୁ ମୁକୁଳି ପୁଣିଥରେ ଆପରାଧିକ ସାମ୍ରାଜ୍ୟ ଚଳାଇଥିବା ବେଳେ ଗିରଫ ହୋଇ ସୋରଡ଼ା ଉପକାରାଗାରରେ ବିଚାରାଧୀନ ବନ୍ଦୀଥିବା ବେଳେ ୨୦୧୯ ଜୁନ ୪ ତାରିଖରେ ଏମ୍‌କେସିଜି ମେଡିକାଲରେ ତା’ର ମୃତ୍ୟୁ ଘଟିଥିଲା । ସେହିପରି ୨୦୧୮ ମେ ୫ ତାରିଖରେ ବୁଗୁଡ଼ା ପୋଲିସ ଶ୍ରୀକାନ୍ତ ରଣା ଓ ଗୌରୀ ଶଙ୍କର ସ୍ୱାଇଁଙ୍କୁ ଏନ୍‌କାଉଣ୍ଟର କରିଥିବା ବେଳେ ପରବର୍ତ୍ତୀ ସମୟରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୮ ଡିସେମ୍ବର ୨୫ ତାରିଖରେ ଜଗନ୍ନାଥପ୍ରସାଦ ପୋଲିସ ଦୁର୍ଦ୍ଦାନ୍ତ ଅପରାଧୀ ବାବୁ ନାଇକଙ୍କୁ ଏନ୍‌କାଉଣ୍ଟର କରିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କର ମଧ ମୃତ୍ୟୁ ଘଟିଥିଲା । ପୋଲିସ ଏନ୍‌କାଉଣ୍ଟରରେ ଅପରାଧୀମାନେ ଗୁରୁତର ଆହତ ହେଉଥିଲେ। ଜେଲରୁ ମୁକୁଳି ତାଙ୍କ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି ।

## ସଂକ୍ଷେପରେ

### ମା' ତାରିଣୀ ମନ୍ଦିରର ନୂତନ କର୍ମକର୍ତ୍ତା ଚୟନ

ମୋହନା,୧୫।୬(ଡି.ଏନ.ଏ)- ମୋହନାରେ ମା' ତାରିଣୀଙ୍କ ମନ୍ଦିରର ନୂତନ କର୍ମକର୍ତ୍ତା ଶନିବାର ଚୟନ ହୋଇଛନ୍ତି। ପୁରାତନ ପରିଚାଳନା କମିଟିର ଅବଧି ଶେଷ ହୋଇଯାଇଛି। ତେଣୁ ମା'ଙ୍କ ପୀଠରେ ପୁରାତନ ପରିଚାଳନା କମିଟି, ଅଞ୍ଚଳର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ପରିଚାଳନା କମିଟି ଚୟନ ହୋଇଛି। ପରିଚାଳନା କମିଟିରେ ସଭାପତି ଉଦୟ ନାଥ ସାହୁ, ଉପସଭାପତି ବିପ୍ର ବଲିଆର୍ ସିଂ, ସମ୍ପାଦକ ଦିବାକର ପାଢ଼ୀ, ସହ ସମ୍ପାଦକ ମନ୍ମଥ ମିଶ୍ର, କୋଷାଧକ୍ଷ ରଜନୀକାନ୍ତ ସାହୁ, ସଭ୍ୟ ରଘୁନାଥ ପାଣିଗ୍ରହୀ, ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ତ୍ରିପତି ପାତ୍ର, ଗଗନ କୁମାର ଦାଶ, ଜୟରାମ ପାତ୍ର, ଦଣ୍ଡପାଣୀ ସାହୁଙ୍କୁ ଚୟନ କରାଯାଇଥିଲା। ସହଯୋଗୀ ସଭ୍ୟ ଭାବେ କେଦାର ପଟ୍ଟନାୟକ, ଦଣ୍ଡପାଣି ରାଓ, ଅଂଶୁମାନ ପଣ୍ଡା, ମୋହନ ଆଚାରୀ, ବିଜୟ କୁମାର ରାଓ, ବିନୋଦ ସାହୁ, ରାମକୃଷ୍ଣ ସାହୁ, ତାରିଣୀ ନାୟକ, ସନ୍ତୋଷ କୁମାର ପାଢୀ(ଓକିଲ), ମଣ୍ଟୁ ପାଣିଗ୍ରାହୀ, ତରଣୀସେନ ଦାଶ, ଯୋଗେନ୍ଦ୍ର ସାହୁ, ସଂଗ୍ରାମ କେଶରୀ ବେହେରାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

### ଗଞ୍ଜାମ ଜିଲା: ଟ୍ରାଫିକ ନିୟମ ଉଲ୍ଲଂଘନ

# ମେ ସୁଦ୍ଧା ୯୦୫ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଛତ୍ରପୁର,୧୫।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଭୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଉଛି । ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଚାଳକଙ୍କଠାରୁ ଆର୍‌ଟିଓ କାର୍ଯ୍ୟାଳୟର ଅଧିକାରୀ ଓ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ଏଥିସହ ସମ୍ପୃକ୍ତ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ପୋଲିସ ସୁପାରିସ କରୁଛି । ପରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଉଛି। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସିଧାସଳଖ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଉଛି। ଛତ୍ରପୁରସ୍ଥିତ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ମେ ମାସ ସୁଦ୍ଧା ୯୦୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଗଲାଣି। ଜାନୁୟାରୀରେ ୧୪୮ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ଫେବୃୟାରୀରେ ୨୩୩, ମାର୍ଚ୍ଚରେ ୨୧୮, ଏପ୍ରିଲରେ ୧୨୮ ଏବଂ ମେ ମାସରେ ୧୭୮ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ଜିଲାର ଦୁଇ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୬୧୮ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ କରାଯାଇଥିଲା । ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଉକ୍ତ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଛନ୍ତି। ସେହିପରି ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ନିଜ ଆଡୁ ୨୮୭ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିଥିବା ସୂଚନା ଦିଆଯାଇଛି ।

ଅନ୍ୟପକ୍ଷରେ ପୋଲିସ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ବେଳେ ହେଲମେଟ୍ ନ ପିନ୍ଧି ଗାଡି ଚଳାଇବା ନେଇ ଚଳିତବର୍ଷ ଏପ୍ରିଲ ମାସ ସୁଦ୍ଧା ୩୨ ହଜାର ୬୧୯ ଜଣଙ୍କଠାରୁ ଜରିମାନା ବାବଦରେ ୩୯,୪୬,୯୫୦ ଟଙ୍କା ଆଦାୟ କରାଯାଇଛି । ସେହିପରି ସିଟ୍ ବେଲ୍ଟ ନ ପିନ୍ଧି ଗାଡି ଚଳାଉଥିବା ନେଇ ୪୬୮ ଜଣଙ୍କଠାରୁ ଜରିମାନା ଆଦାୟ ହୋଇଛି। ଚଳିତବର୍ଷ ମେ ସୁଦ୍ଧା ୧୧୩୦ ଗାଡିର ଯାଞ୍ଚ କରାଯାଇଥିଲା। ସେଥିରୁ ୧୮୧ ଗାଡିର ବୀମା ପ୍ରମାଣପତ୍ର ନ ଥିବାରୁ ସେମାନଙ୍କ ଠାରୁ ୮୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

# ଯୌତୁକ ଦାବିରେ ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ କୋର୍ଟ ଚାଲାଣ

ଛତ୍ରପୁର,୧୫।୬(ଡି.ଏନ.ଏ)

ଯୌତୁକ ଦାବି ନେଇ ସ୍ତ୍ରୀଙ୍କୁ କାତିରେ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଛତ୍ରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଛତ୍ରପୁର ଥାନା ପୋଡାପଦର ଗାଁର ବି. ଗଣେଶ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ବିବାହ ପରଠୁ ଗଣେଶ ଆଉ ଅଧିକ ଯୌତୁକ ଆଣିବା ଦାବି ନେଇ ସ୍ତ୍ରୀ ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏପରିକି ବୁଧବାର ଲକ୍ଷ୍ମୀଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଆହତ ଲକ୍ଷ୍ମୀଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଲକ୍ଷ୍ମୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତିକରି ପୋଲିସ ଛତ୍ରପୁର ଥାନାରେ ଏକ ମାମଲା (ନଂ.୧୩୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଶୁକ୍ରବାର ରାତିରେ ଅଭିଯୁକ୍ତ ସ୍ୱାମୀ ଗଣେଶଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୩ରେ ଗଣେଶ ବିବାହ କରିଥିଲେ। ତାଙ୍କର ୨ଟି ଶିଶୁ କନ୍ୟା ଅଛନ୍ତି।

# ଲୋକକଳା ଗାନ୍ଧର୍ବ କଳାର ଏକ ଅଂଶ



କଳାକାରମାନେ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରୁଛନ୍ତି।

ଫୁଲବାଣୀ ଅଫିସ, ୧୫।୬

କନ୍ଧମାଳ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଥମ ଲୋକକଳା ଦିବସ ସମାରୋହ ସ୍ଥାନୀୟ ଜିଲା ସାଂସ୍କୃତିକ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲୋକକଳା ହେଉଛି ଗାନ୍ଧର୍ବ କଳାର ଏକ ଅଂଶ। କଳାକାରମାନେ ନିଜକୁ କଦାପି ନ୍ୟୂନ ମନେକରିବା ଉଚିତ ନୁହେଁ। ଗାଁ ଗୁଡ଼ିକରେ ଥିବା ଭାଗବତ ଟୁଙ୍ଗି ଓ ମଣ୍ଡପ ଲୋକକଳାର ଏକ୍ସୁଡ଼ିଶାଳ। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମକୁ ଅପେକ୍ଷା ନ କରି ପ୍ରତ୍ୟେକ ସନ୍ଧ୍ୟାରେ ଗାଁ ମଣ୍ଡପରେ ଲୋକକଳା ପରିବେଷଣ କଲେ ଜନସାଧାରଣଙ୍କ ମନୋରଞ୍ଜନ ହେବ। ଯାହା ଲୋକକଳା ଓ ଲୋକ ସଂସ୍କୃତିର ବିକାଶ ସହ ଗ୍ରାମବାସୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିପାରିବ ବୋଲି ବିଧାୟକ କହିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକକଳାର ପୁନରୁଦ୍ଧାର ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଉଦ୍ୟମ ସ୍ୱାଗତଯୋଗ୍ୟ। ସାଧାରଣ ଜନଜୀବନ ସହିତ ଲୋକକଳାର ଏକ ନିବିଡ଼ ସମ୍ପର୍କ ଥିବାରୁ ଏହାକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅକ୍ଷୟ କୁମାର କର୍ଣ୍ଣ ଲୋକ କଳାକାରମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟ ସରକାରଙ୍କ କଳାକାର ଭତ୍ତା ଯୋଜନାରେ ଅଧିକରୁ ଅଧିକ ସଂଖ୍ୟାରେ କିପରି ସାମିଲ ହେବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମଲ୍ଲିକଙ୍କ ଚାଙ୍ଗୁ ବାଦନ ଏକ ମନୋମୁଗ୍ଧକର ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ବିଲୁପ୍ତପ୍ରାୟ ଚିତ୍ତାକର୍ଷକ ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଜିଲାର ସମସ୍ତ ବ୍ଲକ୍‌ରୁ ଆସିଥିବା କଳାକାର ଏବଂ ବ୍ଲକ କଳା ସଂସ୍କୃତି ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




# ୧୦ ଆହତ, ମହିଳା ଗୁରୁତର

ଦାରିଙ୍ଗବାଡ଼ି,୧୫।୬(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଆମ୍ବଖାଲିଆ ଘାଟିରେ ଏକ ଅଟୋ (ନଂ.ଓଡି୨୫ଏ-୭୩୮୩) ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ସେ ହେଲେ ଗଦାପୁର ଅଞ୍ଚଳର ନମିତା ସାସମଲ୍ । ପ୍ରକାଶ ଯେ, ଯାତ୍ରୀଙ୍କୁ ନେଇ ଅଟୋଟି ବ୍ରାହ୍ମଣୀଗାଁ ଥାନା ଗଦାପୁରଠାରୁ ବାଲିଗୁଡ଼ା ଥାନା ଅଞ୍ଚଳର ବୁଡାଗୁଡ଼ାକୁ ଯାଉଥିଲା । ୫୯ନଂ ଜାତୀୟ ରାଜପଥର ଆମ୍ବଖଲିଆ ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ପୋଲିସ ସେମାନଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ନମିତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡମେଡିକାଲ ନେବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

### ଘାଟିରେ ଅଟୋ ଦୁର୍ଘଟଣାଗ୍ରସ୍ତ



ଦୁର୍ଘଟଣାଗ୍ରସ୍ତ ଅଟୋ।







# ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ମୋହନା,୧୫।୬(ଡି.ଏନ୍.ଏ.)

ମୋହନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶନିବାର ଭୋର ୫ଟାରେ ରାଇସିଂ ଛକରୁ ଏକ ବାଇକ୍ ସହ ଗଞ୍ଜେଇ ଜବତ କରବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀ ସାଲିମବାଗ ବାସିନ୍ଦା ଅବଦୁଲ ଔହାବ (୪୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଜିତ ନାୟକ କହିଛନ୍ତି। ପାଟ୍ରୋଲିଂ କରୁଥିବା ପୋଲିସ ରାଇସିଂ ଛକରେ ସନ୍ଦେହରେ ବାଇକକୁ ଅଟକାଇ ଥିଲା। ସେଥିରେ ଏକ ବ୍ୟାଗରେ ୨୦ କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା। ଉକ୍ତ ଗଞ୍ଜେଇ ଅଡବା ଅଞ୍ଚଳରୁ ବ୍ରହ୍ମପୁର ଦେଇ ଦିଲ୍ଲୀ ଚାଲାଣ ହେଉଥିଲା ବୋଲି ଜଣା ପଡିଛି।

# ଗ୍ୟାସ୍ ଲିକ୍‌ରୁ ନିଆଁ ଲାଗି ମହିଳା ଗୁରୁତର

ବେଗୁନିଆପଡା,୧୫।୬(ଡି.ଏନ.ଏ.)

କୋଦଳା ଥାନା ଫାସି ଗ୍ରାମରେ ଶନିବାର ଗ୍ୟାସ୍ ଲିକ୍‌ରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କେଦାର ଦଳେଇଙ୍କ ସ୍ତ୍ରୀ ଦମୟନ୍ତୀ। ଦମୟନ୍ତୀ ସନ୍ଧ୍ୟାରେ ନିଜ ରୋଷେଇ ଘରେ ଗ୍ୟାସ୍‌ରେ ଅଗ୍ନି ସଂଯୋଗ କଲା ବେଳେ ହଠାତ ନିଆଁ ନିର୍ଗତ ହୋଇ ଚାରିଆଡେ ବ୍ୟାପିଯାଇଥିଲା। ଦମୟନ୍ତୀ ପାଟି କରି ବାରିପଟକୁ ଚାଲି ଆସିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୁହଁ, ହାତ ଆଦି ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ରଜ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୧୫।୬

ଓଡିଶା ଭଞ୍ଜ ସାହିତ୍ୟ ଏକାଡେମୀ ବ୍ରହ୍ମପୁର ଶାଖା ପକ୍ଷରୁ ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ କଳା ପରିଷଦ ପରିସରରେ ଉମାଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ 'ରଜ' ପର୍ବର ପ୍ରାଧାନ୍ୟ ଉପରେ ଆଲୋକପାତ କରାଯାଇଥିଲା । ଡ. ସୀମାଞ୍ଚଳ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଡ. ପ୍ରକାଶ ଚନ୍ଦ୍ର ଦାଶ, ଡ. ଚନ୍ଦ୍ରମଣି ସ୍ୱାଇଁ, ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ପଦ୍ମିନୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କାଳିନ୍ଦୀ ଚରଣ ନାୟକ ରଜ ସଂକ୍ରାନ୍ତି ଓ ପର୍ବପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠିତ କବିତା ପାଠୋତ୍ସବକୁ ପଦ୍ମିନୀ ମିଶ୍ର ସଂଯୋଜନା କରିଥିଲେ । ଡ. ଲକ୍ଷ୍ମୀନାରାୟଣ ଦାଶ, ଅଧ୍ୟାପକ ସୁଜିତ କୁମାର ପଣ୍ଡା କବିତା ଗୁଡିକର ସମୀକ୍ଷା କରିଥିଲେ । ଲକ୍ଷ୍ମଣ ମହାକୁଡ, ବାସୁଦେବ ନାୟକ, ନିରଞ୍ଜନ ପଟ୍ଟନାୟକ, ବି. ସତ୍ୟମ ଆଚାରୀ ପ୍ରମୁଖ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ମନୋଜ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ